# ନବୀନଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ ସହଯୋଗ କାମନା


ଗଁଦିଆରେ ବିଜେଡିର ମହା ମିଶ୍ରଣପର୍ବ ଅବସରରେ ବିଧାୟକଙ୍କ ସହିତ ଅନ୍ୟମାନେ।

### ଗଁଦିଆରେ ବିଜେଡିର ମହା ମିଶ୍ରଣ ପର୍ବ

**ଢେଙ୍କାନାଳ,୧୯।୪(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବିଜେଡି କାର୍ଯ୍ୟାଳୟରେ ଶୁକ୍ରବାର ଏକ ମହା ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନର ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ କର୍ମୀ ଓ କର୍ମକର୍ତ୍ତା ବିଜେଡିରେ ସାମିଲ ହୋଇଥିଲେ। ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲଙ୍କ ଉପସ୍ଥିତିରେ ଏହି ମହା ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ଗଁଦିଆ ବ୍ଲକର ପୋରୁହଖୋଜ, ଆରୁହାଁ, କାଶିପୁର, ଖଣ୍ଡବନ୍ଧ, ମଠତେନ୍ତୁଳିଆ, ଶୋରିଷିଆପଦା, ବିଧାରପୁର, ପୁରୁଣା ଅମାଙ୍ଗ, ଷଡଙ୍ଗୀ, ଦେଓଗାଁ, ବରଦା, ନାଗେନା, ମହୁଲଖୋଳି, ଲଟାବାଇସିଙ୍ଗା, ରତନପୁର ଆଦି ଅଞ୍ଚଳରୁ ବହୁ ସଂଖ୍ୟାରେ ଭାଜପା କର୍ମୀ ବିଧାୟକଙ୍କ ଉପସ୍ଥିତିରେ ବିଜେଡିରେ ମିଶିଥିଲେ। ଦେଓଗାଁ ସରପଞ୍ଚ ବିଜୟ ଦେହୁରୀଙ୍କ ନେତୃତ୍ୱରେ ପଞ୍ଚାୟତର ଶତାଧିକ କର୍ମୀ ମିଶିଥିବା ବେଳେ ପୁରୁଣା ଅମାଙ୍ଗ ମହାବୀର ସାମାଜିକ ବିକାଶ ସଂଘର ଶତାଧିକ ସଦସ୍ୟ ବିଜେଡିରେ ସାମିଲ ହୋଇଥିଲେ। ସେହିପରି କାଶିପୁର ପଞ୍ଚାୟତର ଜଗମୋହନ ଗଇପାଇ, ଶିଶିର ଗଇପାଇ, ବିଧାରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ନାରାୟଣ ମଲ୍ଲିକ, ସ୍ୱାଧୀନ ସାହୁଙ୍କ ସମେତ ବହୁ ସଂଖ୍ୟାରେ ବ୍ୟକ୍ତି ବିଶେଷ ବିଜେଡିରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସମସ୍ତେ ବିଜେଡିରେ ଯୋଗ ଦେଇଛନ୍ତି ବୋଲି ଦେଓଗାଁ ସରପଞ୍ଚ ବିଜୟ ଦେହୁରୀ କହିଥିଲେ। ଏହି ଅବସରରେ ବିଧାୟକ ସୁଧୀର କୁମାର ସାମଲ କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ନେଇ ଯେଉଁମାନେ ଭାଜପା ଛାଡି ବିଜେଡିରେ ସାମିଲ ହୋଇଛନ୍ତି ସମସ୍ତଙ୍କୁ ସ୍ୱାଗତ କରାଯାଉଛି। ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶୋରିଷିଆପଦା ସରପଞ୍ଚ ପ୍ରଦୀପ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଆଗାମୀ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ସହିତ ବିଜେଡି ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ ଓ ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲଙ୍କୁ ଯୋଡି ଶଙ୍ଖରେ ଭୋଟଦେଇ ଜିତାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ସଙ୍ଗଠନର ଅମରଜିତ ସେନାପତି ଓ ସ୍ମୃତିରଞ୍ଜନ ସିଂହଙ୍କ ସମେତ ଶୁଭଦର୍ଶିନୀ ପରିଡା, ବିଶ୍ୱନାଥ ଜେନା, ନିରାକାର ସାହୁ, ରଞ୍ଜନ ନାୟକ, ଗଙ୍ଗାଧର ରାଉତଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ପିଲାଙ୍କ ଆଗ୍ରହ ବୃଦ୍ଧି ହେଲେ ପ୍ରତିଭାର ବିକାଶ ହେବ


ସାଧନା ନୃତ୍ୟ କେନ୍ଦ୍ରର ବାର୍ଷିକ ଉତ୍ସବ ପାଳନ କରାଯାଉଛି।

### ସାଧନା ନୃତ୍ୟ କେନ୍ଦ୍ରର ବାର୍ଷିକ ଉତ୍ସବ

**ଢେଙ୍କାନାଳ,୧୯।୪(ରତନ ନାୟାର)**

ଢେଙ୍କାନାଳ ସହର ଆନନ୍ଦନଗରସ୍ଥିତ ସାଧନା ନୃତ୍ୟ କେନ୍ଦ୍ରର ବାର୍ଷିକ ଉତ୍ସବ ଗୁରୁବାର ସ୍ଥାନୀୟ ଗୋପବନ୍ଧୁ ଟାଉନହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଉପଦେଷ୍ଟା ତଥା ମୟୂର ନୃତ୍ୟକେନ୍ଦ୍ରର ସମ୍ପାଦକ ବନମାଳୀ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିଳ୍ପୀ ତଥା ନାଟ୍ୟକାର ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ମାଇକ୍ରୋମିଡିଆର ନିର୍ଦ୍ଦେଶକ ଅଥୟ କୁମାର ସାହୁ ଓ ଯୁବ ନାଟ୍ୟକାର, ନିର୍ଦ୍ଦେଶକ ଦୀନେଶ ଦାସ ପ୍ରମୁଖ ଯୋଗଦେଇ ନୃତ୍ୟ ସଙ୍ଗୀତ ପ୍ରତି ଥିବା ପିଲାମାନଙ୍କ ଆଗ୍ରହକୁ ଦ୍ୱିଗୁଣିତ କରାଗଲେ ପ୍ରତିଭା ବିକାଶିତ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ସଙ୍ଗୀତ ଜଗତର ପୁରାତନ ଶିଳ୍ପୀ ସ୍ନିଗ୍ଧା ନନ୍ଦଙ୍କୁ ସଙ୍ଗୀତ ରତ୍ନ ଓ ଓଡ଼ିଶୀ ନୃତ୍ୟ ପାଇଁ ଦୀପ୍ତିଶ ଶତପଥୀଙ୍କୁ ନୃତ୍ୟଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ବାସନ୍ତୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅନୁଷ୍ଠାନର ଛାତ୍ରୀଛାତ୍ର ଓ ମୟୂର ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରିୟବ୍ରତ ବେହେରା ମଞ୍ଚ ସଞ୍ଚାଳନ କରିଥିବାବେଳେ ନୃତ୍ୟ ଶିକ୍ଷକ ସହଯୋଗ କରିଥିଲେ।

# ନୀଳମାଧବ ମନ୍ଦିରରେ ବାର୍ଷିକ ଉତ୍ସବ



**ଓଡ଼ାପଡ଼ା,୧୯।୪(ରଞ୍ଜିତ ନାୟକ)**

ଓଡ଼ାପଡ଼ା ବ୍ଲକ ବଳରାମପ୍ରସାଦ ଗ୍ରାମରେ ଥିବା ନୀଳମାଧବ ମନ୍ଦିରରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗତ ସୋମବାର ସକାଳେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ହୋମଯଜ୍ଞ ଆୟୋଜିତ ହୋଇଥିଲା। ଏଥିରେ କର୍ତ୍ତା ଭାବେ ମଧୁସୂଦନ ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ତୃପ୍ତୀ ପଟ୍ଟନାୟକ ଯୋଗ ଦେଇଥିଲେ। ବୁଧବାର ଅପରାହ୍ନରେ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା। ବଳରାମପ୍ରସାଦ, ତଳଗଡ ଓ ପତଳା ଗ୍ରାମବାସୀ ସହଯୋଗ କରିଥିଲେ। ଏହି ଉତ୍ସବରେ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ଯୋଗଦେଇ ପ୍ରଭୁକୃପା ଲାଭ କରିବା ସହିତ ପ୍ରସାଦସେବନ କରିଥିଲେ।

# ନିତା ନୃତ୍ୟାଙ୍ଗନା ପକ୍ଷରୁ ସରବତ ବଣ୍ଟନ

**ଢେଙ୍କାନାଳ,୧୯।୪(ରତନ ନାୟାର)**

ଢେଙ୍କାନାଳର ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ନିତା ନୃତ୍ୟାଙ୍ଗନା ପକ୍ଷରୁ ସହରସ୍ଥିତ ଗୋପବନ୍ଧୁ ଟାଉନହଲ ସମ୍ମୁଖରେ ଶୁକ୍ରବାର ସରବତ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ସୁଧୀର କୁମାର ସାମଲ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସହରର ତାପମାତ୍ରା ବଢୁଥିବା ଓ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦେଖି ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅନୁଷ୍ଠାନର ସମ୍ପାଦକ ଆଶିଷ କୁମାର ପାଲ, ନିର୍ଦ୍ଦେଶକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ଅଜିତ ପାଲ, ସାଗରିକ ଶତପଥୀ, ବର୍ଷାରାଣୀ ରଣା, ଶାନ୍ତନୁ କୁମାର ସାହୁ, ଧ୍ରୁବଚରଣ ଲେଙ୍କା, ବବିତା ରାଉତ, ସାଇ ଶୁଭମ ଦାସଙ୍କ ସମେତ ଅନୁଷ୍ଠାନର ଛାତ୍ରୀଛାତ୍ର ଓ ଅଭିଭାବକମାନେ ଯୋଗ ଦେଇଥିଲେ।



ନିତା ନୃତ୍ୟାଙ୍ଗନା ପକ୍ଷରୁ ସରବତ୍ ବଣ୍ଟନ କରାଯାଉଛି।



ଭୁବନ ବିନାୟକ ଇଂଲିଶ ମିଡିୟମ ବିଦ୍ୟାଳୟ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି।

# ବିଧାୟକ, ଏମ୍‌ପି ପ୍ରାର୍ଥୀଙ୍କ ମାରାଥନ ପ୍ରଚାର




**କାମାକ୍ଷାନଗର,୧୯।୪(ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ଏମ୍‌ପି ପ୍ରାର୍ଥୀ ଅବିନାଶ ସାମଲଙ୍କ ଶୁକ୍ରବାର ମାରାଥନ କର୍ମୀ ସମ୍ମିଳନୀ ଓ ନିର୍ବାଚନ ସଭା ଅନୁଷ୍ଠିତ ହୋଇଯାଇଛି। ଗୋଟିଏ ଦିନରେ କାମାକ୍ଷାନଗର ଏନ୍‌ଏସିସ୍ଥିତ ସାରଙ୍ଗଧର ଷ୍ଟାଡିୟମ, ଭଏରପୁର ଓ ତେନ୍ତୁଳିସିଙ୍ଗାଠାରେ ଥିବା ରାମେଶ୍ୱର ମନ୍ଦିର ନିକଟ ପୁରପଣ୍ଡା ତୋଟାରେ କର୍ମୀ ସମ୍ମିଳନୀ ଓ ସଭାର ଆୟୋଜନ ନିର୍ବାଚନ ମାହୋଲକୁ ସରଗରମ କରିଛି ବିଜେଡି। ୩ଟି ସଭାସ୍ଥଳରେ ହୋଇଥିବା କର୍ମୀ ସମ୍ମିଳନୀରେ ଦଶ ହଜାରରୁ ଊର୍ଦ୍ଧ୍ୱ ସାଧାରଣ ଯୋଗ ଦେଇଥିଲେ। ଏହି କର୍ମୀ ସମ୍ମିଳନୀରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ମଲ୍ଲିକ ଓ ଏମପି ପ୍ରାର୍ଥୀ ଅବିନାଶ ସାମଲ କିପରି ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହେବ ସେ ନେଇ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବିଜେଡି ବ୍ଲକ ସଭାପତି ପ୍ରଭାସ ମିଶ୍ର, ନଗର ସଭାପତି ଆଦିତ୍ୟ ଆଚାର୍ଯ୍ୟଙ୍କ ସମେତ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଜିଲା ପରିଷଦ ସଦସ୍ୟ, ସରପଞ୍ଚ, ସମିତି ସଭ୍ୟ, ଛାମୁଆ ନେତା ଓ ଦଶ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ।

# ବାର୍ଷିକ ଉତ୍ସବ, ଶ୍ରୀରାମ ନବମୀ

**କାମାକ୍ଷାନଗର,୧୯।୪(ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ନୂଆ ଆଳତୁମା ଶିରିଡିସାଇ ମନ୍ଦିରରେ ବୁଧବାର ଶିରିଡି ସାଇନାଥଙ୍କ ବାର୍ଷିକ ଉତ୍ସବ ଓ ରାମନବମୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସାଇବାବା ସଂକୀର୍ତ୍ତନ ମଣ୍ଡଳୀ ଏବଂ ଭକ୍ତଙ୍କ ଗହଣରେ ଚାଭାଡି ଯାତ୍ରାରେ ନଗର ପରିକ୍ରମା କରିଥିଲେ। ଶିରିଡି ସାଇନାଥ କି ଜୟ ଧ୍ୱନୀରେ ସମଗ୍ର କାମାକ୍ଷାନଗର ସହର ପ୍ରକମ୍ପିତ ହୋଇଥିଲା। ପରେ ପ୍ରଭୁ ଶ୍ରୀରାମ ଓ ସଦ୍‌ଗୁରୁ ସାଇନାଥଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସାଇବାବାଙ୍କୁ ୧୦୮ ବେଲପତ୍ର ଓ ତୁଳସୀ ପତ୍ରରେ ପତ୍ରାଭିଷେକ କରାଯାଇଥିଲା। ପଣ୍ଡିତ ପରିକ୍ଷିତ ମହାପାତ୍ର, ପଣ୍ଡିତ ସୁରେଶ ମହାପାତ୍ର ଅନୁଷ୍ଠିତ ଯଜ୍ଞରେ କାର୍ଯ୍ୟ ସମ୍ପାଦନ କରିଥିଲେ । କର୍ତ୍ତା ଭାବେ ଶ୍ରୀକାନ୍ତ ଜୀ ଓ ଶାନ୍ତବାଳା ଜୀ ଯୋଗ ଦେଇଥିଲେ। ମଧ୍ୟାହ୍ନ ଆଳତି କରାଯାଇ ପ୍ରସାଦସେବନ କରାଯାଇଥିଲା। ଏହି ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ଅହମ୍ମଦିଆ ଯୁବ ସଙ୍ଗଠନ ପକ୍ଷରୁ ଜଳଛତ୍ର

**ଢେଙ୍କାନାଳ,୧୯।୪(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ା ବସ୍‌ଷ୍ଟାଣ୍ଡଠାରେ ଶୁକ୍ରବାର ଠାରୁ ଅହମ୍ମଦିଆ ମୁସଲିମ ଯୁବ ସଙ୍ଗଠନ ପକ୍ଷରୁ ଜଳଛତ୍ର ଶୁଭାରମ୍ଭ ହୋଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ଅନୁଷ୍ଠାନ ପକ୍ଷରୁ କର୍ମକର୍ତ୍ତାମାନେ ଜଳଛତ୍ର ଖୋଲି ପଦଯାତ୍ରୀମାନଙ୍କ ତୃଷ୍ଣା ନିବାରଣ କରୁଛନ୍ତି। ଏହି ଅବସରରେ ଯାତ୍ରୀମାନଙ୍କୁ ଦହି ସରବତ ଓ ବିଶୁଦ୍ଧ ପାନୀୟଜଳ ପ୍ରଦାନ କରାଯାଇଥିଲା। ଅହମ୍ମଦିଆ ମୁସଲିମ ସମ୍ପ୍ରଦାୟ ଗୁଣ୍ଡିଚାପଡାର ସଭାପତି ସୁଲେମାନ ଅଲ୍ଲୀ ଖାଁ, ସଲିମୁଦ୍ଦିନ ଖାଁ ଏହାର ଶୁଭାରମ୍ଭ କରିଥିଲେ। ଅହମ୍ମଦିଆ ମୁସଲିମ ଯୁବ ସଙ୍ଗଠନର ଅଧ୍ୟକ୍ଷ ଶେଖ ଜାହିର, ପୂର୍ବତନ ଅଧ୍ୟକ୍ଷ ମହମ୍ମଦ ଖାଁଙ୍କ ସମେତ ଆଶିଫ ଅଲ୍ଲୀ ସୁଲେମାନ, ଶେଖ ତନବିର, ଇଦ୍ରିଶ ଖାଁ, ଅବସରପ୍ରାପ୍ତ ଯବାନ ତୋରାବ ଖାଁ, ଶେଖ ମେହଦି, ଆଦିମ ଅଲ୍ଲୀ ଖାଁ, ଫରିଦଉଦ୍ଦିନ ଖାଁ, କରିମ ଖାଁ ବବୁଲୁ, ହମିଦ ଅହମ୍ମଦ ଓ ମୁଜହିର ଅହମ୍ମଦ ପ୍ରମୁଖ ସହଯୋଗ କରିଥିଲେ।



ଅହମ୍ମଦିଆ ଯୁବ ସଙ୍ଗଠନ ପକ୍ଷରୁ ଜଳଛତ୍ର ଖୋଲାଯାଇଛି।

# ତଦନ୍ତ କଲେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ

### କୁକୁଡ଼ା ଫାର୍ମରେ ସରକାରୀ ନିୟମ ଉଲ୍ଲଂଘନ ଅଭିଯୋଗ

**ଓଡ଼ାପଡ଼ା,୧୯।୪(ରଞ୍ଜିତ ନାୟକ)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାଶିଆଡିହି ଗ୍ରାମରେ ଥିବା ଏକ କୁକୁଡ଼ା ଫାର୍ମରେ ସରକାରୀ ନିୟମ ଉଲ୍ଲଂଘନ କରାଯାଇଥିବା ନେଇ ସରପଞ୍ଚ ମିନତୀ ରାଉତ ଅଭିଯୋଗ କରିବା ପରେ ଏହାର ତଦନ୍ତ ଆରମ୍ଭ କରିଛି ଅନୁଗୋଳସ୍ଥିତ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ। ବୋର୍ଡର ଅଧିକାରୀମାନେ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏହି ସମୟରେ କୁକୁଡ଼ା ଫାର୍ମ ମାଲିକ ଉପସ୍ଥିତ ରହି ଅଧିକାରୀଙ୍କୁ ତଥ୍ୟ ପ୍ରଦାନ କରିଥିଲେ। ଫାର୍ମ ମାଲିକ କହିଥିଲେ, ୨୦୦୬ରୁ କୁକୁଡ଼ା ପାଳନ କରୁଥିବାବେଳେ ବର୍ତ୍ତମାନ ଫାର୍ମରେ ୭୦୦୦ରୁ ଅଧିକ କୁକୁଡ଼ା ଅଛନ୍ତି। ଏଥିସହ ଛେଳି ଚାଷ ଓ ବିଭିନ୍ନ ପ୍ରକାରର ଆମ୍ବ, ପିଜୁଳି ଓ କୋଳି ଚାଷ କରାଯାଉଛି। ଅଭିଯୋଗକାରୀ ସରପଞ୍ଚ ମିନତୀ କହିଛନ୍ତି, ଗତ ୨୦୨୨/୨୩ ବର୍ଷରେ ଏକ ହଜାର କୁକୁଡା ରଖିବାକୁ ପଞ୍ଚାୟତରୁ ଅନୁମତି ଦିଆଯାଇଥିଲା। ହେଲେ ଫାର୍ମ ମାଲିକ ୧୦ ହଜାରରୁ ଊର୍ଦ୍ଧ୍ୱ କୁକୁଡ଼ା ରଖି ସରକାରୀ ନୀତି ନିୟମକୁ ଉଲ୍ଲଂଘନ କରିଥିଲେ।



# ୧୦୦ ଟନ୍ କୋଇଲା ଜବତ: ୫ ଗିରଫ

**ବଇଣ୍ଡା,୧୯।୪(ପରିକ୍ଷିତ ସାହୁ)**

ଅନୁଗୋଳ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଅନୁଗୋଳ ପୋଲିସର ସ୍ୱତନ୍ତ୍ର ଟିମ୍ ଓ କିଶୋରନଗର ପୋଲିସ ମିଳିତ ଭାବେ କିଶୋରନଗର ଓ ହଣ୍ଡପା ଥାନା ଅଞ୍ଚଳରେ ଚଢ଼ାଉ କରି ୧୦୦ ଟନ୍ ଚୋରା କୋଇଲା ଜବତ କରିଛନ୍ତି। ଏଥିସହ ୩ଟି ଟ୍ରକ, ୨ଟି ପିକଅପ୍ ଭ୍ୟାନ, ଗୋଟିଏ ଟ୍ରାକ୍ଟର, ଗୋଟିଏ ପିଚୁ ବୋଝେଇ ଟ୍ୟାଙ୍କର ଜବତ କରାଯାଇଛି। ଏହି ଘଟଣାରେ ୫ ଜଣଙ୍କୁ ପୋଲିସ ଗିରଫ କରିଥିବାବେଳେ ଘଟଣାସ୍ଥଳରୁ ୧୦ ଜଣ ଫେରାର ହୋଇଯାଇଥିବା ଜଣାପଡିଛି। ଗିରଫ ବ୍ୟକ୍ତିମାନେ ହେଲେ ଢେଙ୍କାନାଳ ଜିଲା ରାସୋଳ ଥାନା ଖଲାବେରୀ ଗ୍ରାମର ରୁଦ୍ର ନାରାୟଣ ଗଡ଼ନାୟକ, ବିହାର ଅଞ୍ଚଳର ବିକାଶ ସିଂ, ହଣ୍ଡପା ଥାନା ଠେଲକନାଳୀ ଗ୍ରାମର ଦିପୁନ ନାୟକ, କିଶୋରନଗର ଥାନା ବଙ୍କାପଳସା ଗ୍ରାମର ଲବ ସାହୁ, ସମଲ ଥାନା ବୁଲାଝର ଗ୍ରାମର ଅର୍ଜୁନ ପ୍ରଧାନ। ଏ ନେଇ ପୋଲିସ ନଂ. ୧୦୧/୨୦୨୪ ଓ ୧୦୨/ ୨୦୨୪ ରେ ୨ ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ମୋଦିଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଅ




### ଭାଜପାର ବୁଥ୍ ବିଜୟ ଅଭିଯାନ

**ଢେଙ୍କାନାଳ,୧୯।୪(ରତନ ନାୟାର)**

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀରେ ଶୁକ୍ରବାର ଭାଜପାର ବୁଥ୍ ବିଜୟ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା କାର୍ଯ୍ୟାଳୟଠାରେ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ତଥା ଢେଙ୍କାନାଳ ଲୋକ ସଭା ପ୍ରଭାରୀ ଗୋଲଖ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣ ଯୋଜନା ବାବଦରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ ନିର୍ବାଚନରେ ଜିତିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନମନ୍ତ୍ରୀ ନବୀନ ନାରାୟଣ ଦାସ, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ, ଅକ୍ଷୟ ମହାନ୍ତି, ଡା. ଶାନ୍ତିଭୂଷଣ ପଣ୍ଡା, ରାମଚନ୍ଦ୍ର ପାତ୍ର, ସୁରେଶ ପାଣିଗ୍ରାହୀ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଦୀପକ ପ୍ରସାଦ ପଟ୍ଟନାୟକ, ନବକିଶୋର ଗୁରୁ, ବିଷ୍ଣୁ ପ୍ରସାଦ ଲେଙ୍କା, ରତିକାନ୍ତ ସାହୁ, ରମେଶଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ଅପାରଗତା, ବ୍ୟାପକ ଦୁର୍ନୀତି, କେନ୍ଦ୍ର ସରକାରଙ୍କ ଅର୍ଥ ଓ ଯୋଜନା ହଡପ ଏବଂ ଗୁମାସ୍ତା ଶାସନର ସମାଲୋଚନା କରିବା ସହ ଏ ନେଇ ଲୋକଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ମୋଦିଙ୍କ ସୁଶାସନ, ବିଭିନ୍ନ ଲୋକାଭିମୁଖୀ ଯୋଜନା, ମୋଦିଙ୍କ ଗ୍ୟାରେଣ୍ଟି ଓ ନିର୍ବାଚନୀ ସଂକଳ୍ପପତ୍ର ସମ୍ପର୍କରେ ଉଦ୍‌ବୋଧନ ଦେଇ ଜନସାଧାରଣଙ୍କୁ ସଚେତନ କରି ସମସ୍ତ ବୁଥ୍‌କୁ ସଶକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୋଦିଜୀଙ୍କ ଦୃଢ ନେତୃତ୍ୱ, ବିକାଶ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସଦର ବ୍ଲକ ଗୋବିନ୍ଦପୁର ସରପଞ୍ଚ ଅକ୍ଷୟ କୁମାର ରାଉତଙ୍କ ସମେତ ୩୦ରୁ ଅଧିକ ବିଜେଡି କାର୍ଯ୍ୟକର୍ତ୍ତା ଦଳ ତ୍ୟାଗକରି ଭାଜପାରେ ଯୋଗ ଦେଇଥିଲେ। ନେତୃବୃନ୍ଦ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀ ସ୍ୱାଇଁ, ମହାଦୀପ ଯଶୋବନ୍ତ ମହିମା, ଧ୍ରୁବଚରଣ ସ୍ୱାଇଁ, ଶତ୍ରୁଘ୍ନ ରାଉତ, ଧ୍ରୁବଚରଣ ରାଉତ, ଅଶ୍ୱିନୀ କୁମାର ସାହୁ, କ୍ଷେତ୍ରବାସୀ ସାହୁ, କାଉନସିଲର ନିରୋଦ କୁମାର ସାହୁ, ସୂର୍ଯ୍ୟକାନ୍ତ ରାଉତ, ବଳରାମ ସେଠୀ, ଲକ୍ଷ୍ମୀପ୍ରିୟା ଦଳେଇ, ସନ୍ତୋଷ ରାଉତ, ରୁଦ୍ରନାରାୟଣ ତ୍ରିପାଠୀ, ରମଣୀ ରଞ୍ଜନ ଦାସ, ଲକ୍ଷ୍ମୀଧର ଦଳେଇ, ୧୪୨ ବୁଥ୍‌ର ସଭାପତି, ପ୍ରଭାରୀ ପ୍ରମୁଖ ଯୋଗ ଦେଇଥିଲେ।

# ଅସନ୍ତୁଷ୍ଟଙ୍କୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ

**ଅନୁଗୋଳ ଜିଲା ବିଜେଡି ରାଜନୀତି ସରଗରମ**

ଅନୁଗୋଳ,୧୯।୪ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାରେ ଥିବା ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜୁ ଜନତା ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା ସରିଛି। ସେଥିମଧ୍ୟରୁ ଅନୁଗୋଳ ଓ ଆଠମଲ୍ଲିକକୁ ବାଦ୍ ଦେଲେ ବାକି ୩ଟି ନିର୍ବାଚନମଣ୍ଡଳୀରେ ଦଳ ପକ୍ଷରୁ ପ୍ରାର୍ଥୀ ଅପରିବର୍ତ୍ତିତ ରଖାଯାଇଛି। ଦଳ ପକ୍ଷରୁ ୫ମ ପର୍ଯ୍ୟାୟରେ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରାଯିବା ପରେ ଏବେ ନୂଆ ସମସ୍ୟା ମୁଣ୍ଡ ଟେକିଛି। ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ଦଳୀୟ ଟିକେଟ୍ ପାଇଁ ଏକାଧିକ ଆଶାୟୀ ଥିବାବେଳେ ୩ଟି ସ୍ଥାନରେ ପ୍ରାର୍ଥୀ ପରିବର୍ତ୍ତନ କରା ନ ଯିବା ଓ ଅନୁଗୋଳରେ ବିଧାୟକଙ୍କ ପରିବାରକୁ ଟିକେଟ୍ ଦେବା ପରେ ସମ୍ପୃକ୍ତ ଆଶାୟୀମାନଙ୍କ ମଧ୍ୟରୁ କେତେଜଣ ଅସନ୍ତୁଷ୍ଟ ଥିବା ଆଲୋଚନା ହେଉଛି। ତେଣୁ ଏହି ଅସନ୍ତୁଷ୍ଟମାନେ କାଳେ ଭୋଟ ସମୀକରଣକୁ ବିଗାଡ଼ି ଦେବେ, ସେଥିପାଇଁ ଦଳ ପକ୍ଷରୁ ସେମାନଙ୍କୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ ଆରମ୍ଭ ହୋଇଥିବା ଚର୍ଚ୍ଚା ହେଉଛି।

ଅନୁଗୋଳ ଜିଲା ବିଜେଡିରେ ଯୁବ ନେତାଙ୍କ ଠାରୁ ଆରମ୍ଭ କରି ପୁରୁଖା ନେତାଙ୍କ ଅଭାବ ନାହିଁ। ବର୍ଷ ବର୍ଷ ଧରି ସେମାନେ ଦଳ ପାଇଁ କାର୍ଯ୍ୟ କରିଥିବାରୁ ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ଆଶାୟୀ ଥିଲେ। ଏପରି କି ଦଳୀୟ ଟିକେଟ୍ ପାଇଁ ସେମାନେ ଲବି ମଧ୍ୟ କରୁଥିଲେ। ରାଜ୍ୟ ନେତୃବୃନ୍ଦଙ୍କୁ ଭେଟିବା ସହ ଛୁମୁଆ ନେତାଙ୍କୁ ଧରି ଚାପ ପ୍ରୟୋଗ କରୁଥିଲେ। କେତେଜଣ ନେତା ତ ପାଦେ ଆଗେଇ ଯାଇ ନବୀନ ନିବାସକୁ ନିଜର ପ୍ରୋଫାଇଲ ପଠାଇ ଦେଇଥିଲେ। ଦଳ ପାଇଁ ସେମାନେ କ'ଣ କରିଛନ୍ତି, କିଭଳି ଗତ ଦିନରେ ନିର୍ବାଚନ ପରିଚାଳନା କରି ସଫଳତା ହାସଲ କରିଛନ୍ତି ଏପରି କି ସଙ୍ଗଠନକୁ ମଜଭୁତ୍ କରିବାକୁ କି କି ପନ୍ଥା ଆପଣାଇଛନ୍ତି, ସେସବୁର ତଥ୍ୟ ଉକ୍ତ ପ୍ରୋଫାଇଲରେ ଦେଇ ଟିକେଟ୍ ପାଇଁ ଆବେଦନ କରିଥିଲେ। ବିଚାରବିମର୍ଶ ବେଳେ ଦଳ ସେମାନଙ୍କ କଥା ମୁଣ୍ଡକୁ ନେବ ବୋଲି ଆଶା କରିଥିଲେ। କିନ୍ତୁ ଶେଷଯାଏ ଅପେକ୍ଷା କରିଥିଲେ ମଧ୍ୟ ସେମାନଙ୍କୁ ନିରାଶ ହେବାକୁ ପଡ଼ିଥିଲା। କାରଣ ପ୍ରଥମ ପର୍ଯ୍ୟାୟ ଟିକେଟ୍ ଘୋଷଣା ବେଳେ ଦଳ ପକ୍ଷରୁ ପାଲଲହଡ଼ା ପାଇଁ ବିଧାୟକ ମୁକେଶ ପାଲ ଓ ଛେଣ୍ଡିପଦା ପାଇଁ ବିଧାୟକ ସୁଶାନ୍ତ କୁମାର ବେହେରାଙ୍କୁ ପୁନଃ ପ୍ରାର୍ଥୀ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଘୋଷଣା ବେଳେ ଦଳ ଆଠମଲ୍ଲିକରେ ଗତଥରର ପ୍ରାର୍ଥୀ ତଥା ବିଧାୟକ ରମେଶ ସାଏଙ୍କ ସ୍ଥାନରେ ନଳିନୀ ପ୍ରଧାନଙ୍କୁ ପ୍ରାର୍ଥୀ କରିଥିଲା। ୪ର୍ଥ ପର୍ଯ୍ୟାୟ ଯାଏ ଝୁଲାଇ ରଖିଥିବା ତାଳଚେର ବିଧାନସଭା କ୍ଷେତ୍ର ପାଇଁ ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ନାମ ଘୋଷଣା କରାଯାଇଥିଲା। ସେହିପରି ୫ମ ପର୍ଯ୍ୟାୟରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହଙ୍କ ସ୍ଥାନରେ ତାଙ୍କ ସ୍ତ୍ରୀ ସଂଯୁକ୍ତା ସିଂହଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଥିଲା। ଜିଲାରେ ବିଜେଡିର ପ୍ରାର୍ଥୀ ଘୋଷଣା ଶେଷ ହୋଇଥିବାରୁ ଇତିମଧ୍ୟରେ ଅନେକ ଆଶାୟୀ ନେତାଙ୍କୁ ନିରାଶ ହେବାକୁ ପଡ଼ିଛି। ସେମାନଙ୍କ ମଧ୍ୟରୁ କେତେଜଣ ନେତା ଅସନ୍ତୁଷ୍ଟ ଥିବା କୁହାଯାଉଛି। ତେଣୁ ଆଗାମୀ ଦିନରେ ସମ୍ପୃକ୍ତ ନେତାମାନେ ଦଳର ଭୋଟ ସମୀକରଣକୁ କିଛି ଓଲଟପାଲଟ କରିଦେବାର ଆଶଙ୍କା ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକ କରୁଥିବାରୁ ବିଦ୍ରୋହ ଏଡ଼ାଇବାକୁ ଦଳ ଏବେ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି। ଏପରି କି ସେମାନଙ୍କୁ ନେତୃବୃନ୍ଦ ଡାକି ଆଲୋଚନା ଆରମ୍ଭ କରିଥିବା ଜଣାପଡ଼ିଛି। ପ୍ରତି ନିର୍ବାଚନମଣ୍ଡଳୀରେ ଏଥିପାଇଁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ମଧ୍ୟ ନିୟୋଜିତ କରାଯାଇଥିବା କୁହାଯାଉଛି। ସେମାନେ ସ୍ଥାନୀୟ ପ୍ରାର୍ଥୀଙ୍କୁ ଧରି ଅସନ୍ତୁଷ୍ଟଙ୍କ ନିକଟକୁ ଯାଉଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ କହିଛନ୍ତି, ଦଳରେ ସେଭଳି ଅସନ୍ତୁଷ୍ଟ କର୍ମୀ ନାହାନ୍ତି। ଯେଉଁ କିଛି ସ୍ଥାନରେ ଅଛନ୍ତି, ସେମାନେ କିଭଳି ଦଳ ପାଇଁ କାର୍ଯ୍ୟ କରିବେ ସେଥିପାଇଁ ନିର୍ବାଚନମଣ୍ଡଳୀ ସ୍ତରରେ କସରତ କରାଯାଉଛି।

# ଜୋନ୍‌ସ୍ତରୀୟ ନିର୍ବାଚନୀ କର୍ମଶାଳା



ପାଲଲହଡା,୧୯।୪(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଶ୍ରୀରାମପୁର, ବଟୀସୁଆଁ ଠାରେ ବିଜେଡି ୨୨ ନମ୍ବର ଜୋନ୍‌ର ଏକ ନିର୍ବାଚନୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ ଏବଂ ପାଲଲହଡା ବିଧାୟକ ପ୍ରାର୍ଥୀ ମୁକେଶ ପାଲଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୨ ହଜାରରୁ ଅଧିକ କର୍ମୀ ଯୋଗ ଦେଇଥିଲେ। ସାଂସଦ ଓ ବିଧାୟକ ପ୍ରାର୍ଥୀ ଉପସ୍ଥିତ କର୍ମୀ ଓ ନେତାଙ୍କୁ ଆଗାମୀ ନିର୍ବାଚନରେ କିଭଳି କାର୍ଯ୍ୟ କରିବାକୁ ହେବ ଏବଂ ଦଳ ବିପୁଳ ଭୋଟରେ ବିଜୟୀ ହୋଇପାରିବ ସେଥିପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଭୋଟରମାନଙ୍କୁ ସଚେତନ କରିବାକୁ କହିଥିଲେ। ଏହି ଅବସରରେ ଭାଜପା ଓ କଂଗ୍ରେସ ଦଳର ଶତାଧିକ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିଲେ। ବିଧାୟକ ମୁକେଶ ପାଲ ଏବଂ ଏମ୍‌ପି ପ୍ରାର୍ଥୀ ଅବିନାଶ ସାମଲ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ପ୍ରଦାନ କରି ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଏହି ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, ୨୨ ନମ୍ବର ଜିଲା ପରିଷଦ ସଦସ୍ୟ ବୁଦ୍ଧୁରାମ ବୋଇପାଇ, ସମସ୍ତ ସରପଞ୍ଚ ଏବଂ ସମିତିସଭ୍ୟ ଉପସ୍ଥିତ ଥିଲେ। ଜୋନ୍ ପର୍ଯ୍ୟବେକ୍ଷକ ନରେନ୍ଦ୍ର ଭୁକ୍ତାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମେଡିକାଲ ନିକଟ ଜଙ୍ଗଲରେ ନିଆଁ ନେଇ ଉଦ୍‌ବେଗ



ତାଳଚେର,୧୯।୪ (ମନୋଜ ନନ୍ଦ)

ତାଳଚେରସ୍ଥିତ ପବିତ୍ରମୋହନ ମେଡିକାଲ ନିକଟ ଘଣ୍ଟପଡ଼ା ଜଙ୍ଗଲରେ ଗୁରୁବାର ସନ୍ଧ୍ୟାରୁ ନିଆଁ ଲାଗି ବ୍ୟାପିବା ଆରମ୍ଭ କରିଥିଲା। ଫଳରେ ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଉଦ୍‌ବେଗ ଖେଳିଯାଇଥିଲା। ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ସୁନୀଲ ବିଶ୍ୱାଳ ତୁରନ୍ତ ଅଗ୍ନିଶମ କାର୍ଯ୍ୟାଳୟକୁ ଫୋନ ଯୋଗେ ଜଣାଇବା ପରେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରକାଶ ଥାଉକି, ଉକ୍ତ ଜଙ୍ଗଲକୁ ଲାଗି ମେଡିକାଲ କଲେଜର ବିଲ୍ଡିଂ ନିର୍ମାଣ କରାଯାଇଥିବା ବେଳେ ୫ ଗୋଟି କଲୋନୀ ମଧ୍ୟ ରହିଛି। ସ୍ଥାନୀୟ ବାସିନ୍ଦା ସବୁବେଳେ ପ୍ରଦୂଷଣ ଜନିତ ସମସ୍ୟାରେ ଘାଣ୍ଟି ହେଉଥିବା ବେଳେ ଏହି ଜଙ୍ଗଲ ନିଆଁ ଯୋଗୁ ଦୀର୍ଘ ସମୟ ଧରି ବହୁ ମାତ୍ରାରେ ଧୂଆଁ, ପାଉଁଶ ଉଡ଼ି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଥିଲା। ସ୍ଥାନୀୟ ଅଞ୍ଚଳରେ ଏହା ଏକମାତ୍ର ଜଙ୍ଗଲ ହୋଇଥିବାରୁ ଅବାଧ ପ୍ରବେଶ ରୋକିବାକୁ ଏମ୍‌ସିଏଲ୍ ପକ୍ଷରୁ ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ କରାଯିବା ସହ ଉକ୍ତ ଜଙ୍ଗଲକୁ ନିଆଁ କବଳରୁ ସବୁବେଳେ ସୁରକ୍ଷିତ ରଖିବାକୁ ବନବିଭାଗ ତତ୍ପରତା ପ୍ରକାଶ କରିବା ଆବଶ୍ୟକ ବୋଲି ପୂର୍ବତନ ସରପଞ୍ଚ ବିଶ୍ୱାଳ ଦାବି କରିଛନ୍ତି।

# ରୋଟାରି ରୟାଲର ରକ୍ତଦାନ ଶିବିର



ଅନୁଗୋଳ,୧୯।୪(ଅମିତ କୁମାର ସାମଲ)

ରୋଟାରି କ୍ଲବ ଅନୁଗୋଳ ରୟାଲ ତରଫରୁ ରକ୍ତଦାନ ଶିବିର ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ଭଣ୍ଡାରଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ସଭାପତି ଡା. ମାଇକେଲ ଜନଙ୍କ ତତ୍ତ୍ୱାବଧାନରେ ଏହି ଶିବିରକୁ ଆଇଏମ୍‌ଏ ସଭାପତି ଡା. ବିଚ୍ଛନ୍ଦ ଚରଣ ପ୍ରଧାନ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ରକ୍ତର ଅଭାବକୁ ଦୃଷ୍ଟିରେ ରଖି କ୍ଲବ ତରଫରୁ ଏହି ମହତ୍ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଆଗକୁ ଆହୁରି ରକ୍ତଦାନ ଶିବିର ଆୟୋଜନ କରାଯିବା ପାଇଁ ଡା. ସୌମ୍ୟକାନ୍ତ ବିଶୋଇ ଅନୁରୋଧ କରିଥିଲେ। ଡା. ବିଶ୍ୱଜିତ ସାମଲ, ଡା. ଦେବାଶିଷ ପ୍ରଧାନ ଏବଂ ଡା. ଶକ୍ତି ପ୍ରସାଦ ସାହୁ ଏହି ଶିବିରକୁ ପରିଚାଳନା କରିଥିଲେ। କ୍ଲବ ସଦସ୍ୟ ବିଶ୍ୱଜିତ ପଟ୍ଟନାୟକ, ଅଶୋକ ମାଣ୍ଡୋଥିଆ, ମୁରାରୀ ଲାଲ ଅଗ୍ରୱାଲା, ବାଣୀ ଦେବ, ମଧୁଗୁପ୍ତା, ଡା. ଶଶାଙ୍କ ଶେଖର ସାହୁ, ଜୟ ପ୍ରକାଶ ମୋଦି, ଅନିଲ ଗୁପ୍ତା, କିରଣ ଅଗ୍ରୱାଲା, ନୀହାର ରଞ୍ଜନ ପ୍ରସାଦ ପ୍ରମୁଖ ସହାୟତା କରିଥିଲେ। ଏହି ଶିବିରରେ ୪୧ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। କ୍ଲବ ସଦସ୍ୟ ମିଲନ କୁମାର ଅଗ୍ରୱାଲା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡିରେ ଯୋଗଦେଲେ ୪୦ କଂଗ୍ରେସ କର୍ମୀ

ଅନୁଗୋଳ,୧୯।୪(ଅମିତ ସାମଲ)

ଅନୁଗୋଳ ବ୍ଲକ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ଟିକରପଡା ପଞ୍ଚାୟତର ୪୦ ଜଣ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ବରିଷ୍ଠ ବିଜେଡି ନେତା ନଳିନୀକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଅନ୍ଧୁଲିଆଠାରେ ଆୟୋଜିତ କର୍ମୀ ସମ୍ମିଳନୀରେ ଟିକରପଡାର ପୂର୍ବତନ ସରପଞ୍ଚ ତ୍ରିନାଥ ସାହୁଙ୍କ ସମେତ ୪୦ ଜଣ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ସମସ୍ତ କର୍ମୀମାନଙ୍କୁ ନଳିନୀ ପ୍ରଧାନ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।



# ବଇଣ୍ଡା ଚନ୍ଦନ ଯାତ୍ରା ପାଇଁ ପ୍ରସ୍ତୁତି



ବଇଣ୍ଡା,୧୯।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକର ପ୍ରସିଦ୍ଧ ବଇଣ୍ଡା ଚନ୍ଦନ ଯାତ୍ରା ପାଇଁ ଗୁରୁବାର ବଇଣ୍ଡା ଶିବମନ୍ଦିର ନିକଟରେ ବଇଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି ରାଜ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରା, ସହ ସମ୍ପାଦକ ସଞ୍ଜୟ ସାହୁ, ପୂର୍ବତନ ସରପଞ୍ଚ ଜଳଧର ସାହୁ, ଜନ୍ମେଶ୍ୱର ସାହୁ, ଲଛମନ ଦାସ, ସୁରେଶ ପ୍ରଧାନ, ରମେଶ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। କିଭଳି ଶାନ୍ତିଶୃଙ୍ଖଳାର ସହ ଚନ୍ଦନଯାତ୍ରା ପାଳନ ହେବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ବଇଣ୍ଡାର ବିଭିନ୍ନ ସମସ୍ୟା ସମ୍ପର୍କରେ ଗ୍ରାମବାସୀ ଆଲୋଚନା କରିଥିଲେ। ସେହିପରି ଜାତୀୟ ରାଜପଥ କାମ ନିମ୍ନମାନର ହେଉଥିବା ଯୋଗୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପରେ ଚନ୍ଦନ ଯାତ୍ରାର ନୂତନ କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଜିତେନ୍ଦ୍ର ବେହେରା, ଉପ ସଭାପତି ଉଗ୍ରସେନ ସେଠୀ, ସମ୍ପାଦକ ବିକ୍ରମ ସାହୁ, ସହ ସମ୍ପାଦକ ଅନିଲ ବେହେରା, ମାନସ ସାହୁ, କୋଷାଧ୍ୟକ୍ଷ ଭାବେ ବିନୀତ ସାହା, ଶୁଭେନ୍ଦୁ ମୋହନ ସାହୁ, ସାଂସ୍କୃତିକ କମିଟିର କର୍ମକର୍ତ୍ତା ଭାବେ ପପୁ ସାହୁ, ରାଜା ଶର୍ମା, ପିଣ୍ଟୁ ମିଶ୍ର, ପାପୁନା ମହାପାତ୍ର, ବିକାଶ ସାହୁଙ୍କୁ ଚୟନ କରାଯାଇଥିଲା।

# ନିର୍ବାଚନ ପୂର୍ବରୁ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି

ଅନୁଗୋଳ,୧୯।୪ (ଅମିତ ସାମଲ)

ସାଧାରଣ ନିର୍ବାଚନ ପୂର୍ବରୁ ଅନୁଗୋଳ ଜିଲା ପୋଲିସ ପ୍ରଶାସନ ତରଫରୁ ସାନ୍ଧ୍ୟା ଓ ରାତ୍ରକାଳିନ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯାଇଛି। ଗୁରୁବାର ପାଟ୍ରୋଲିଂ ସମୟରେ ଅନୁଗୋଳ ଜିଲାର ବିଭିନ୍ନ ଥାନାମାନଙ୍କରେ ୧୭ଟି ମାମଲା ରୁଜୁ କରାଯାଇ ୧୭ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ବିଦେଶୀ, ବେଆଇନ ମଦ କାରବାରରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ଏତତ୍‌ବ୍ୟତୀତ ରାତ୍ର ପାଟ୍ରୋଲିଂ ସମୟରେ ସମଗ୍ର ଜିଲାରେ ଥିବା ସବୁ ହୋଟେଲ, ଲଜ ଗୁଡିକୁ ମଧ୍ୟ ଯାଞ୍ଚ କରାଯାଇଥିଲା। ଏହାସହିତ ୬ ଜଣ ୱାରେଣ୍ଟିଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

# ଭାଜପାରେ ସାମିଲ ହେଲେ ବିଜେଡି କର୍ମୀ



ଅନୁଗୋଳ,୧୯।୪(ଅମିତ କୁମାର ସାମଲ)

ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ୨୭ ନମ୍ବର ଜୋନ ଅନ୍ତର୍ଗତ ବଆଁରପାଳ ମଣ୍ଡଳ ବୁଢାପଙ୍କ ପଞ୍ଚାୟତର ତେନ୍ତୁଳୀହତା ଗ୍ରାମର ବହୁ ବିଜେଡି କର୍ମୀ ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୀତି, ଆଦର୍ଶ, ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏବଂ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ବଳିଷ୍ଠ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ମିଶ୍ରପଡ଼ାସ୍ଥିତ ଭାଜପା କାର୍ଯ୍ୟାଳୟରେ ଏହି କର୍ମୀମାନେ ବିଧିବଦ୍ଧ ଭାବେ ଭାଜପାରେ ଯୋଗଦାନ କରିଥିଲେ। ଭାଜପା ନେତା ପ୍ରଧାନ ଦଳରେ ଯୋଗଦାନ କରିଥିବା ବରିଷ୍ଠ ବିଜେଡି ନେତା ଆଡଭୋକେଟ ତଥା ଅନୁଗୋଳ ସ୍ୱୟଂଶାସିତ କଲେଜର ପୂର୍ବତନ ସଭାପତି ତପନ ଦେହୁରୀଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ସଂଯୋଜକ ଦିଲୀପ ଦାସ, ବଆଁରପାଳ ମଣ୍ଡଳ ସଭାପତି ପ୍ରତ୍ୟୁଷ ରଞ୍ଜନ ପଣ୍ଡା, ସୋମନାଥ ରାଉତ, ଚନ୍ଦ୍ରକାନ୍ତ ଧଳ, ବିକ୍ରମ ନାଏକ, ଟିକନ ନାଏକ, ବିକାଶ ନାଏକ, ବିଶ୍ୱଜିତ ନାଏକ, ବାବୁଲା ନାଏକ, ସାଗର ନାଏକ, ନିତ୍ୟାନନ୍ଦ ନାଏକ, ବ୍ରହ୍ମାନନ୍ଦ ନାଏକ, ଶ୍ରବଣ ନାଏକ, ମାନସ ନାଏକ, ଦୀପକ ନାଏକ, ସୁଶାନ୍ତ ନାଏକ, ରମାକାନ୍ତ ନାଏକ, ଶଶିକାନ୍ତ ନାଏକ ଓ ବସନ୍ତ ନାଏକଙ୍କ ସମେତ ବହୁ ଯୁବନେତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ରେଲ୍‌ୱେ ମହାପ୍ରବନ୍ଧକଙ୍କୁ ନାଲ୍‌କୋ ଅଫିସର ସଂଘର ସାକ୍ଷାତ

ଅନୁଗୋଳ,୧୯।୪(ଅମିତ କୁମାର ସାମଲ)

ନାଲ୍‌କୋ ଅଫିସର ସଂଘ ସଭାପତି ବନମାଳୀ ସେଠୀଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ରେଲୱେ ମହାପ୍ରବନ୍ଧକ ମନୋଜ କୁମାର ବେହେରାଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଗୁରୁବାର ସାକ୍ଷାତ କରିଥିଲେ। ନାଲ୍‌କୋର ନିଜସ୍ୱ ଉତ୍କଳ ଡି କୋଇଲା ଖଣିକୁ ରେଳ ସଂଯୋଗୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରାଇବା ସହ ନାଲ୍‌କୋକୁ ରେଲୱେ ତରଫରୁ କିଭଳି ସମସ୍ତ ପ୍ରକାରର ସାହାଯ୍ୟ ସହଯୋଗ ରହିବ ସେ ଦିଗରେ ଆଲୋଚନା କରାଯାଇଥିଲା। ଏଥିସହ ନାଲ୍‌କୋ ପାଇଁ ସ୍ୱତନ୍ତ୍ର ଷ୍ଟେଶନ ନିର୍ମାଣ ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଥିଲା। ଏ ଦିଗରେ ଖୁବ୍‌ଶୀଘ୍ର କାର୍ଯ୍ୟ ସମ୍ପନ୍ନ ହେବ ବୋଲି ମହାପ୍ରବନ୍ଧକ ବେହେରା ପ୍ରତିଶ୍ରୁତି ଦେଇଥିଲେ। ଏହି ସାକ୍ଷାତ ସମୟରେ ସଂଯୋଜକ ତଥା ସାଧାରଣ ସମ୍ପାଦକ ନଳିନୀକାନ୍ତ ପଣ୍ଡା, ଉପ ସଭାପତି କିଶୋର କୁମାର ବେହେରା, ଯୁଗ୍ମ ସମ୍ପାଦକ ପ୍ରତାପ ମଲ୍ଲିକ, ଦେବୀ ପ୍ରସାଦ ମହାପାତ୍ର, ମନୋଜ ଚନ୍ଦନ



# ବିଜେଡିରେ ଯୋଗଦେଲେ ଭାଗୀରଥି ପ୍ରଧାନ



ବଇଣ୍ଡା,୧୯।୪(ପରିକ୍ଷିତ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକର ବରିଷ୍ଠ ନେତା ତଥା ଭାଜପାର ପୂର୍ବତନ ଜିଲା ସଭାପତି ଭାଗୀରଥି ପ୍ରଧାନ ଶୁକ୍ରବାର ବିଜେଡିରେ ଯୋଗ ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ସେ ତାଙ୍କ ସମର୍ଥକମାନଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ବରିଷ୍ଠ ବିଜେଡି ନେତା ତଥା ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ବିଜେଡିର ଅନୁଗୋଳ ଜିଲା ସହ ପର୍ଯ୍ୟବେକ୍ଷକ କୁନୁ ବିହାରୀ ଦାସ, ଆଠମଲ୍ଲିକ ବିଧାନସଭା ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ, ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ, ପ୍ରିୟବ୍ରତ ମାଝିଙ୍କ ଉପସ୍ଥିତରେ ଭାଗୀରଥି ଶଙ୍ଖ ଧରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା ଭାଗୀରଥି କହିଛନ୍ତି। ଏହି ମିଶ୍ରଣ ପର୍ବ ପରେ ସେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ଭାଗୀରଥି କିଛିଦିନ ତଳେ ଭାଜପାରୁ ଇସ୍ତଫା ଦେଇଥିଲେ। ଭାଜପାରୁ ଆଠମଲ୍ଲିକ ଟିକେଟ୍ ନ ମିଳିବାରୁ ସେ ଅସନ୍ତୁଷ୍ଟ ଥିଲେ। ତାଙ୍କର ଏହି ମିଶ୍ରଣ ଯୋଗୁ ବିଜେଡି ଆଠମଲ୍ଲିକରେ ଅଧିକ ଶକ୍ତିଶାଳୀ ହେବ ବୋଲି ନଳିନୀ ପ୍ରଧାନ କହିଛନ୍ତି।

